# ରାଜ୍ୟରେ ଥିବା ସମବାୟ କେନ୍ଦ୍ର

**SAQ-162** 24.09.2025

ଶ୍ରୀ ଅମର କୁମାର ନାୟକ : ସମବାୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ କେତୋଟି ପ୍ରାଥମିକ କୃଷି ସମବାୟ କେନ୍ଦ୍ର (PACS) ରହିଛି, ସେଥିମଧ୍ୟରୁ କେତୋଟି କେନ୍ଦ୍ର ,ଉଭୟ ଧାନ କ୍ରୟ ଓ ସାର ବିକ୍ରୟ କରୁଛନ୍ତି, ସାର ବିକ୍ରୟ କରୁଥିବା PACS ମଧ୍ୟରୁ କେତୋଟିର ସାର ବିକ୍ରୟ ଲାଇସେନ୍ସ ନବୀକରଣ ହୋଇନାହିଁ, ସାର ବିକ୍ରୟ ପାଇଁ ଲାଇସେନ୍ସ ନବୀକରଣ କରିନଥିବା PACS ଗୁଡିକୁ , ଧାନ କ୍ରୟରୁ ବିରତ ରଖିବାକୁ ସରକାର ପଦକ୍ଷେପ ନେଉଛନ୍ତି କି?

## ଉତ୍ତର

ପ୍ରଦିପ ବଳ ସାମନ୍ତ
ସମବାୟ ମନ୍ତ୍ରୀ

ରାଜ୍ୟରେ ମୋଟ ୪୨୫୨ ଗୋଟି (୨୭୧୧ ଗୋଟି ପୁରାତନ ଏବଂ ୧୫୪୧ ଗୋଟି ନୂତନ) ପ୍ରାଥମିକ କୃଷି ସମବାୟ ସମିତି (PACS) ରହିଛି। ଉପରୋକ୍ତ ସମିତି ମାନଙ୍କ ମଧ୍ୟରୁ ୨୩୩୪ ଗୋଟି ସମବାୟ ସମିତି ଉଭୟ ଧାନ କ୍ରୟ ଏବଂ ସାର ବିକ୍ରୟ କରୁଥିବା ବେଳେ ସେଥିମଧ୍ୟରୁ ଅବଧି ସମାପ୍ତ ହୋଇଥିବା ୧୬୯ ଗୋଟି ସମବାୟ ସମିତି ସାର ଲାଇସେନ୍ସ କୁ ନବୀକରଣ କରିବାକୁ ଆବେଦନ କରିଛନ୍ତି । ସାର ବିକ୍ରୟ ପାଇଁ ଲାଇସେନ୍ସ ନବୀକରଣ ରେ ଖିଲାଫି କରୁଥିବା ସମବାୟ ସମିତି ଙ୍କ ବିରୁଦ୍ଧ ରେ ଯଥା ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।